# ବୈଜ୍ଞାନିକ ପ୍ରଣାଳୀରେ
# ସୋରିଷ ଚାଷ




କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ


भाकृअनुप
ICAR

# ବୈଜ୍ଞାନିକ ପ୍ରଣାଳୀରେ

# ସୋରିଷ ଚାଷ

ବିଷୟବସ୍ତୁ

**ଶ୍ରୀ ସବ୍ୟସାଚୀ ସାହୁ**
ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

**ଶ୍ରୀ ଲବ ସୋରେନ୍**
ବୈଜ୍ଞାନିକ, (ସଶ୍ୟ ସଂରକ୍ଷଣ)

**ଶ୍ରୀ ଚିନ୍ମୟ ମିଶ୍ର**
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

**କୁମାରୀ ସାଧନା ସ୍ୱସ୍ତିକା**
ବୈଜ୍ଞାନିକ, ଉଦ୍ୟାନକୃଷି

ସଂପାଦନା

**ଡଃ. ସୁଜିତ୍ କୁମାର ନାଥ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼
**KRISHI VIGYAN KENDRA, DEOGARH**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
**ODISHA UNIVERSITY OF AGRICULTURE & TECHNOLOGY**

# ବୈଜ୍ଞାନିକ ପ୍ରଣାଳୀରେ ସୋରିଷ ଚାଷ

*ଲେଖକ :*

**ଶ୍ରୀ ସବ୍ୟସାଚୀ ସାହୁ**
ବୈଜ୍ଞାନିକ, କ୍ଷେତ୍ରବିଜ୍ଞାନ
**ଶ୍ରୀ ଲବ ସୋରେନ୍**
ବୈଜ୍ଞାନିକ, ସଶ୍ୟ ସଂରକ୍ଷଣ
**ଶ୍ରୀ ଚିନ୍ମୟ ମିଶ୍ର**
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)
**କୁମାରୀ ସାଧନା ସ୍ୱସ୍ତିକା**
ବୈଜ୍ଞାନିକ, ଉଦ୍ୟାନକୃଷି

*ସଂପାଦନା :*

**ଡ. ସୁଜିତ୍ କୁମାର ନାଥ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର
ପୁରୁଣାଗଡ଼, ଦେବଗଡ଼-୭୬୮୧୧୯
ଫୋନ୍: ୦୬୬୪୧-୨୨୬୧୨୨

*ପ୍ରଥମ ପ୍ରକାଶ:*

ଜାନୁଆରୀ,୨୦୨୦

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**
**Shri Sabyasachi Sahu**
Scientist (Agronomy)
**Shri Laba Soren**
Scientist (Plantprotection)
**Shri Chinmaya Mishra**
PA (Soil Science)
**Kumari Sadhana Swatika**
Scientist (Horticultur)

**Editor :**
**Dr. Sujit Kumar Nath**
Sr. Scientist and Head
KVK, Deogarh

**Published by :**
Krishi Vigyan Kendra, Deogarh
kvkdeogarh.ouat@gmail.com

**Printed by :**
Ankita Graphics, Bhubaneswar.
saroj77337@gmail.com
Ph : 9437077337



# ସୋରିଷ ଚାଷ

ସୋରିଷ ଚାଷ ଓଡ଼ିଶାରେ ତୈଳବୀଜ ଫସଲ ମଧ୍ୟରେ ତୃତୀୟସ୍ଥାନ ଅଧିକାର କରିଅଛି । ଆମ ରାଜ୍ୟରେ ତୈଳବୀଜ ଫସଲର ଉତ୍ପାଦନ ହାର ୬୯୩ କିଗ୍ରା ପ୍ରତି ହେକ୍ଟର, ଯାହା ଜାତୀୟ ସ୍ତର ଉତ୍ପାଦନ ହାର (୧୧୨୯ କିଗ୍ରା ପ୍ରତି ହେକ୍ଟର) ଠାରୁ ୩୮ ପ୍ରତିଶତ କମ୍ । ଦେବଗଡ଼ ଜିଲ୍ଲା ଓଡ଼ିଶାର ଏକ କୃଷି କୈନ୍ଦ୍ରିକ ଜିଲ୍ଲାଭାବରେ ପରିଚିତ । ଏଠାରେ ରାଶି, ସୋରିଷ, ସୂର୍ଯ୍ୟମୁଖୀ ଏବଂ ଚିନାବାଦାମ ଆଦି ତୈଳବୀଜ ଫସଲ ଚାଷ କରାଯାଇଥାଏ । ଏଥିମଧ୍ୟରୁ ଜିଲ୍ଲାରେ ୨୫୦୦ ହେକ୍ଟର ଜମିରେ ସୋରିଷ ଚାଷ କରାଯାଇଥାଏ ଏବଂ ହେକ୍ଟର ପିଛା ୪.୩ କ୍ୱିଣ୍ଟାଲ ଅମଳ ହୋଇଥାଏ । ଏଠି ସୋରିଷ ତେଲକୁ ମୁଖ୍ୟତଃ ଖାଇବା ତେଲ ହିସାବରେ ବ୍ୟବହାର କରାଯାଇଥାଏ । ଏହାର ମଞ୍ଜିକୁ ମସଲା ଓ କିଛିସ୍ଥାନରେ ପତ୍ରକୁ ଶାଗ ହିସାବରେ ବ୍ୟବହାର କରାଯାଏ । ଚାଷୀମାନେ ଏହାକୁ ଏକ ଗୌଣ ଫସଲ ହିସାବରେ ନେଉ ଥିବାରୁ ଅମଳ ଅପେକ୍ଷାକୃତ କମ୍ ମିଳିଥାଏ । ସୋରିଷ ଫସଲ କମ୍ ଦିନରେ ଅମଳ ଓ ଅନ୍ୟ ଶସ୍ୟଜାତୀୟ ଫସଲ ଅପେକ୍ଷା ଅଧିକ ଲାଭଜନକ ହୋଇଥିବା କାରଣରୁ ଆମ ଅଞ୍ଚଳରେ ଚାଷୀଭାଇମାନେ ଏହାକୁ ବହୁଳଭାବରେ ଚାଷ କରିପାରିବେ, ଏହା ବ୍ୟତିତ ସୋରିଷରେ ଯଥେଷ୍ଟ ପରିମାଣର ତୈଳ ଅଂଶ ଓ ପ୍ରୋଟିନ୍ ଥିବାରୁ ଏହା ଆମର କୁପୋଷଣକୁ ଦୂର କରିଥାଏ । ସୋରିଷ ତେଲର ଅବଶିଷ୍ଟାଂଶକୁ ସୋରିଷ ପିଡ଼ିଆ ଭାବରେ ମାଟିରେ ପ୍ରୟୋଗ କରାଯିବା ସହିତ ଗୋଖାଦ୍ୟ ଏବଂ ମାଛଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଭାରତୀୟ ଭେଷଜ ଅନୁସନ୍ଧାନ ପରିଷଦ ଅନୁସାରେ ମୁଣ୍ଡପିଛା ତୈଳ ଓ ଚର୍ବିଜାତୀୟ ଖାଦ୍ୟର ପରିମାଣ ବାର୍ଷିକ ୧୪ କିଗ୍ରା ରହିଥିବା ବେଳେ ଏହା ବାର୍ଷିକ ମାତ୍ର ୯.୨ କିଗ୍ରା ଉପଲବ୍ଧ ରହିଛି । ତେଣୁ ଚାହିଦା ମେଣ୍ଟାଇବା ନିମନ୍ତେ ବୈଜ୍ଞାନିକ ପଦ୍ଧତିରେ ଚାଷକରି ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ ।

ପରୀକ୍ଷଣରୁ ଜଣାପଡ଼େ ଯେ ବିଭିନ୍ନ ବୈଜ୍ଞାନିକ ପ୍ରଣାଳୀ ଆଦୃତ କରିବା ଦ୍ୱାରା ନିମ୍ନଲିଖିତ ଉପାୟରେ ଉତ୍ପାଦନ ବୃଦ୍ଧି ପାଉଅଛି ।

| ଉପାଦାନ | ଅନୁଭୂତ ଅମଳ ବୃଦ୍ଧି (%) |
|---|---|
| ବିହନ ପ୍ରତିବଦଳ | ୩୦-୫୦ |
| ବୁଣିବା ସମୟ | ୫୦-୬୦ |
| ବୁଣିବା ପ୍ରଣାଳୀ | ୩୦-୪୦ |
| ଉପଯୁକ୍ତ ଗଛ ସଂଖ୍ୟା | ୧୦-୩୦ |
| ଗଛ ପତଳା କରଣ | ୨୦-୫୦ |
| ଜୈବିକ ସାର ପ୍ରୟୋଗ | ୧୦-୧୨ |
| ରାସାୟନିକ ସାର ପ୍ରୟୋଗ | ୧୪-୪୮ |
| ଜଳସେଚନ | ୪୦-୬୦ |
| ତୃଣକ ଦମନ | ୨୦-୫୦ |
| ଶସ୍ୟ ସୁରକ୍ଷା | ୧୮-୩୪ |

ଉପରୋକ୍ତ ସାରଣୀ ସୂଚାଇ ଦିଏ ଯେ, ଆମ୍ଭେ ଉନ୍ନତ ପ୍ରଣାଳୀରେ ଚାଷ କଲେ ଉତ୍ପାଦନ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ମୂଖ୍ୟତଃ ତୈଳବୀଜ ଫସଲର ଉତ୍ପାଦନରେ ବାଧକ ସାଜୁଥିବା କାରଣକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ ।

## ୧. କ୍ଷେତ୍ର ପାରିପାର୍ଶ୍ୱିକ ପ୍ରତିବନ୍ଧକ

- ତୈଳବୀଜ ଫସଲ ମୂଖ୍ୟତଃ ବର୍ଷାଜଳ ଆଧାରିତ ଅବଶିଷ୍ଟାଂଶ ମୃତ୍ତିକା ଜଳୀୟ ଅଂଶ ନିର୍ଭରଶୀଳ ଚାଷ ।
- ଶକ୍ତିରେ ଭରପୁର ଫସଲକୁ ଉପାନ୍ତ ଜମିରେ ଚାଷ ।
- ଦେବଗଡ଼ ଜିଲ୍ଲାର ବେଶୀ ଭାଗ ଜମି ଅମ୍ଳୀୟ ଓ ଏହାର ବିନା ଉପଚାରରେ ବା ବିନା ଚୁନ ପ୍ରୟୋଗରେ ତୈଳବୀଜ ଚାଷ ।
- ଉତ୍ତମ ଜଳ ପରିଚାଳନା ଅଭାବରେ ବହୁତ ଜମି ସନ୍ତସନ୍ତିଆ ହୋଇ ତୈଳବୀଜ ଫସଲ ପାଇଁ ଅନୁପଯୁକ୍ତ ।

## ୨. ବୈଷୟିକ ପ୍ରତିବନ୍ଧକ

- ଉପଯୁକ୍ତ ଅଧିକ ଅମଳକ୍ଷମ ବିହନର ଅଭାବ ।
- ଉତ୍ତମ ମାନ ବିହନର ଅଭାବ ।
- ଅଳ୍ପ ବିହନ ପରିମାଣ ।

- ❖ କମ୍ ବା ଅତ୍ୟଧିକ ଗଛ ।
- ❖ ସମୟାନୁସାରେ ଫସଲ ସୁରକ୍ଷାର ଅଭାବ ।
- ❖ ପ୍ରାରମ୍ଭିକ ଅବସ୍ଥାରେ ଅତ୍ୟଧିକ ତୃଣକ ।

## ୩. ସାମାଜିକ, ଅର୍ଥନୈତିକ ପ୍ରତିବନ୍ଧକ

- ❖ ଧାନ ଚାଷ ଓ ଅନ୍ୟ ଶସ୍ୟ ଜାତୀୟ ଫସଲକୁ ପ୍ରାଧାନ୍ୟ ।
- ❖ ଉନ୍ନତ କୃଷି ଯନ୍ତ୍ରପାତି ପ୍ରଚଳନର ଅଭାବ ।
- ❖ ସମୟ ଅନୁସାରେ ବିହନ, ସାର ନମିଳିବା ।
- ❖ ଉତ୍ତମ ଭଣ୍ଡାର ଘର, ପ୍ରକ୍ରିୟାକରଣ ଓ ବିପଣନର ଅଭାବ ।
- ❖ ସମ୍ବଳ ବିହୀନ ଚାଷୀଙ୍କ ଦ୍ୱାରା ତୈଳବୀଜ ଚାଷ ।
- ❖ ଚାଷୀଙ୍କ ସଚେତନତାର ଅଭାବ ।
- ❖ ପ୍ରଶିକ୍ଷଣ ଓ ମାନବ ସମ୍ବଳ ବ୍ୟବହାର ଅଭାବ ।

## ମୁଖ୍ୟତଃ ନିମ୍ନଲିଖିତ ସମସ୍ୟାକୁ ସୋରିଷ ଚାଷରେ ଦୃଷ୍ଟିଦେବାକୁ ପଡ଼ିବ

- ❖ ଠିକ୍ ସମୟରେ ବୁଣିବା ।
- ❖ ଠିକ୍ ସମୟରେ ଗଛ ପତଳା କରଣ ।
- ❖ ସମୟାନୁକ୍ରମେ ଜଳସେଚନ ।
- ❖ ଧାନ କଟା ପରେ ଠିକ୍ ସମୟରେ ସୋରିଷ ଲଗାଇବା ।
- ❖ ଫଳ ଧରିବା ସମୟରେ ଜଳୀୟ ଅଂଶ ହ୍ରାସ ନ ପାଇବା ।
- ❖ ଜଉପୋକ, ଧଳା କଳଙ୍କି ଓ ସୋରିଷ କରତିଆ ମାଛିର ନିୟନ୍ତ୍ରଣ ।

## ଜମି ପ୍ରସ୍ତୁତି

ସୋରିଷ ଚାଷ ପାଇଁ ଉତ୍ତମ ନିଗିଡ଼ା, ବାଲିଆ ଦୋରସା ଓ ପଟୁମାଟି ଉପଯୁକ୍ତ । ସୋରିଷ ମଞ୍ଜି କ୍ଷୁଦ୍ର ଥିବାରୁ ଜମିକୁ ଉତ୍ତମ ଗୁଣ୍ଡ ଚାଷ କରିବାକୁ ଆବଶ୍ୟକ ପଡ଼ିଥାଏ । ବିହନ ବୁଣି ସାରିଲା ପରେ ହାଲୁକା ଭାବରେ ମଇ ଦିଆଯାଇଥାଏ । ଏହା ଦ୍ୱାରା ମୃତ୍ତିକା ସହିତ ମଞ୍ଜି ଉତ୍ତମ ଭାବରେ ସଂସ୍ପର୍ଶରେ ଆସି ଗଜା ହୋଇଥାଏ ।

## ବିହନ ବୁଣା

୩-୪ ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ । ଲଙ୍ଗଳ ସିଆର ପଛରେ ବା ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଜଳସେଚିତ ଜମିରେ ୧୦୦ରୁ ଅଧିକ ଦିନିଆ ବିହନ କିସମ ବ୍ୟବହାର କରୁଥିଲେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ବ୍ୟବଧାନ ରଖନ୍ତୁ ।

## କିଛି ଉନ୍ନତ କିସମ

ଚାଷୀମାନେ ଅଦ୍ୟାବଧି ଏମ୍-୨୭ ନାମକ କିସମ ବହୂଳରୂପେ ବ୍ୟବହାର କରୁଛନ୍ତି । ଯଦିଓ ଏହାର ମରୁଡ଼ିସହନଶକ୍ତି ରହିଛି, ତଥାପି ଏହାର ଉତ୍ପାଦିକତା ବହୁତ୍ କମ୍ । ତେଣୁ ଜଳସେଚନ ସୁବିଧା ଅନୁସାରେ ନିମ୍ନ କିସମଗୁଡ଼ିକ ଚାଷ କରିବା ଉଚିତ୍ ।

| ତୋରିଆ | | | |
|---|---|---|---|
| କିସମ- | ଅବଧି(ଦିନ) | ଅମଳ (କିଗ୍ରା/ହେ) | ତୈଳ ଅଂଶ |
| ପାର୍ବତୀ | ୭୦-୭୫ | ୧୫୦୦ | ୪୧.୩% |
| ଅନୁରାଧା | ୭୦-୭୫ | ୧୫୦୦ | ୪୪.୨% |
| ସୁଶ୍ରୀ | ୭୫ | ୧୩୮୦ | ୪୧.୨% |
| ଉତ୍ତରା | ୭୫-୮୦ | ୧୪୦୦ | ୪୦% |
| **ରାଏ ସୋରିଷ** | | | |
| ବରୁଣା | ୧୧୦-୧୧୫ | ୧୮୦୦ | ୩୭% |
| କ୍ରାନ୍ତି | ୧୧୫-୧୩୦ | ୨୦୦୦ | ୩୮% |
| ପୁଷା ବୋଲ୍ଡ | ୧୧୦-୧୧୫ | ୧୫୦୦ | ୪୦% |
| ପୁଷା ବାହାର | ୧୦୫-୧୨୦ | ୨୨୦୦ | ୪୦% |
| ପୁଷା ଜୟକିଷାନ | ୯୦-୯୫ | ୧୫୦୦ | ୪୦% |

## ବୁଣିବା ସମୟ

ମାଟି ବତରକୁ ନେଇ ଅଣଜଳସେଚିତ ଅଞ୍ଚଳମାନଙ୍କରେ ଅକ୍ଟୋବର ମାସ ୧୫ ତାରିଖ ମଧ୍ୟରେ ଏବଂ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ନଭେମ୍ବର ଦ୍ୱିତୀୟ ସପ୍ତାହ ମଧ୍ୟରେ ବୁଣିବା କାର୍ଯ୍ୟ ଶେଷ କରିବା ଦରକାର । ବିଳମ୍ବରେ ବୁଣିଲେ ଅଧିକ ରୋଗ-ପୋକ ସମସ୍ୟା ଓ ମାଟିରେ ଜଳୀୟ ଅଂଶର ଅଭାବ ହେତୁ ଅମଳ ନିଶ୍ଚିତଭାବେ ହ୍ରାସ ଘଟିଥାଏ ।

## ବିହନ ପରିମାଣ ଓ ବିଶୋଧନ

ବୁଣିବା ପ୍ରଣାଳୀ ଓ କିସମ ଅନୁଯାୟୀ ଏକର ପ୍ରତି ୨.୫-୩ କି.ଗ୍ରା. ବିହନ ଆବଶ୍ୟକ । ବୁଣା ପୂର୍ବରୁ ବିହନ ବିଶୋଧନ କଲେ ରୋଗ କମିଯାଇଥାଏ । ପ୍ରତି ୧ କି.ଗ୍ରା. ବିହନ ସହିତ ୨ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ୨ ଗ୍ରାମ ଭିଟାଭାକ୍ସ ପାଓ୍ୱାର ଗୋଳାଇ ବିହନ ବିଶୋଧନ କରନ୍ତୁ ।

## ଖତ ଓ ସାର

ଭଲଭାବରେ ସଢ଼ିଯାଇଥିବା ଗୋବର ଖତ କିମ୍ବା କମ୍ପୋଷ୍ଟ ଏକର ପ୍ରତି ୨ ଟନ୍ ହିସାବରେ ପ୍ରୟୋଗ କରନ୍ତୁ । ଅଣଜଳସେଚିତ ସୋରିଷ ଫସଲପାଇଁ ଏକର ପ୍ରତି ୧୮ କି.ଗ୍ରା. ଡି.ଏ.ପି., ୨୮ କି.ଗ୍ରା. ୟୁରିଆ ଏବଂ ୧୪ କି.ଗ୍ରା. ପଟାସ ମୂଳ ଖାଦ୍ୟସାର ଭାବେ ବିହନ ବୁଣିବା ପୂର୍ବରୁ ଖତ ସହ ମାଟିରେ ମିଶାଇ ଦିଅନ୍ତୁ । ଜଳସେଚିତ ସୋରିଷ ଚାଷ ପାଇଁ ବିହନ ବୁଣିବା ପୂର୍ବରୁ ଏକର ପ୍ରତି ୨୨ କି.ଗ୍ରା. ଡି.ଏ.ପି., ୧୩.୨ କି.ଗ୍ରା. ୟୁରିଆ ଏବଂ ୧୬.୭ କି.ଗ୍ରା. ପଟାସ ଖାଦ୍ୟସାର ମାଟିରେ ମିଶାଇ ଦିଅନ୍ତୁ । ଏହାର ୩ ସପ୍ତାହ ପରେ ୨୧.୭ କି.ଗ୍ରା. ୟୁରିଆ ସାର ଧାଡ଼ି ମଧ୍ୟରେ ପ୍ରୟୋଗ କରି କୋଡ଼ାଖୋସା କରନ୍ତୁ ।

## ସାରର ମାତ୍ରା

| | ଯବକ୍ଷାରଜାନ କି.ଗ୍ରା./ହେ | ଫସ୍‌ଫରସ୍ କି.ଗ୍ରା./ହେ | ପଟାସ୍ କି.ଗ୍ରା./ହେ | ପ୍ରୟୋଗ ସମୟ |
|---|---|---|---|---|
| ତୋରିଆ(ଅଣଜଳସେଚିତ) | ୪୦ | ୨୦ | ୨୦ | ମୂଳସାର |
| ତୋରିଆ(ଜଳସେଚିତ) | ୫୦ | ୨୫ | ୨୫ | ୧/୨ଯବକ୍ଷାରଜାନ ମୂଳ + ୧/୨ ଯବକ୍ଷାରଜାନ ବୁଣିବା ୨୧ ଦିନ ପରେ |
| ରାଏ (ଅଣଜଳସେଚିତ) | ୫୦ | ୨୫ | ୨୫ | ସମସ୍ତ ମୂଳ |
| ରାଏ (ଜଳସେଚିତ) | ୮୦ | ୪୦ | ୪୦ | ୧/୨ ଯବକ୍ଷାରଜାନ ମୂଳ +୧/୨ ଯବକ୍ଷାରଜାନ ବୁଣିବା ୨୧ ଦିନ ପରେ |

## ଅନ୍ତଃଚାଷ

ଧାଡ଼ିରେ ଗଛ ସଂଖ୍ୟା ଅଧିକ ଥିଲେ ୧୫-୨୦ ଦିନ ପରେ ୮-୧୦ ସେ.ମି. ବ୍ୟବଧାନରେ ହୃଷ୍ଟପୁଷ୍ଟ ଓ ନିରୋଗ ଗଛ ରଖି ଅନ୍ୟ ଗଛକୁ ଉପାଡ଼ି ପତଳା କରନ୍ତୁ ଏବଂ ୨୦-୨୫ ଦିନ ବେଳକୁ କୋଡାଖୁସା କରି ଅନାବନା ଘାସ ବାଛି ଦିଅନ୍ତୁ । ଏହାଦ୍ୱାରା ଅମଳ ନିଶ୍ଚିତଭାବେ ବଢ଼ି ଯାଇଥାଏ ।



## ତୃଣକ ଦମନ

ଉପଯୁକ୍ତ ସମୟରେ ଠିକ୍ ମାତ୍ରାରେ ଉପଯୁକ୍ତ ତୃଣକମାରୀ ପ୍ରୟୋଗକରି, ଘାସକୁ ନିୟନ୍ତ୍ରଣ କରାଯାଇ ପାରିବ । ଘାସକୁ ଦମନକଲେ ସୋରିଷ ଫସଲରେ ନିଶ୍ଚିତ ଅତିକମ୍‌ରେ ୨୦ ପ୍ରତିଶତ ଅମଳ ବୃଦ୍ଧି ପାଇବ ।



| ତୃଣକ | ମାତ୍ରା (ଏକର ପ୍ରତି) | ପ୍ରୟୋଗ ସମୟ |
|---|---|---|
| ଫ୍ଳୁକ୍ଳୋରାଲିନ୍ | ୦.୮୦୦ ମିଲି | ଜମି ପ୍ରସ୍ତୁତି |
| ଆଲାକ୍ଳୋର | ୦.୩୦୦ ମିଲି | ଗଛ ବାହାରିବା ପୂର୍ବାବସ୍ଥା |
| ପେଣ୍ଡିମେଥାଲିନ୍ | ୧.୦ଲି | ଗଛ ବାହାରିବା ପୂର୍ବାବସ୍ଥା |
| ଅକ୍ସିଫ୍ଳୋରଫେନ୍ | ୦.୪୦୦ ମିଲି | ଗଛ ବାହାରିବା ପୂର୍ବାବସ୍ଥା |
| କୁଇଜାଲୋଫଫ୍‌ଇଥାଇଲ ଇଥାଇଲ୍ | ୦.୪୦୦ ମିଲି | ଗଛ ବାହାରିବା ୧୫-୧୮ ଦିନ ପରେ |

## ଅଣୁସାର

ଯେକୌଣସି ତୈଳବୀଜ ଚାଷ ପରି ଯବକ୍ଷାରଜାନ, ଫସଫରସ୍, ପଟାସ୍ ସହ ଗନ୍ଧକ ନିହାତି ଉପଯୋଗୀ । ଏହା ବ୍ୟତୀତ ସଲଫର, କ୍ୟାଲସିୟମ୍, ବୋରନ୍ (ଜଳ ଦ୍ରବୀଭୂତ) ଏବଂ ଜିଙ୍କ୍‌ର ମଧ୍ୟ ଆବଶ୍ୟକତା ରହିଛି ।

| ଅଣୁସାର | ମାତ୍ରା(କିଗ୍ରା/ହେ) | ପ୍ରୟୋଗ ସମୟ |
|---|---|---|
| ସଲ୍‌ଫର | ୪୦ | ମୂଳସାର |
| ବୋରକ୍ସ | ୧୬ | ମୂଳସାର |
| ଜିଙ୍କ୍ | ୧୦ | ମୂଳସାର |
| ବୋରନ୍ (ଜଳ ଦ୍ରବୀଭୂତ) | ୨ ମିଲି/ ୧ ଲି. ପାଣି | ଫୁଲ ବାହାରିବା ପୂର୍ବରୁ |



## ଜଳସେଚନ

ସୋରିଷ ମୋଟ ୩୦୦ ମିଲିମିଟର ପାଣି ଦରକାର କରିଥାଏ । ମାଟିର ବତରକୁ ଦେଖି ପ୍ରାରମ୍ଭିକ ଚାରା, ଫୁଲ ଆରମ୍ଭ ଓ ଫଳ ବୃଦ୍ଧି ଅବସ୍ଥାରେ ଏପରି ୩ଥର ଜଳସେଚନ ନିହାତି ଆବଶ୍ୟକ । ଏହି ତିନୋଟି ଅବସ୍ଥା ସୋରିଷ ଚାଷର ସଙ୍କଟକାଳୀନ ଅବସ୍ଥା; ଏହି ସମୟରେ ଗଛ ଜଳାଭାବ ଅନୁଭବ କଲେ ଅମଳରେ ଯଥେଷ୍ଟ ହ୍ରାସ ଘଟିଥାଏ ।



# ଫସଲ ସୁରକ୍ଷା

## ଜଉପୋକ











ଜଉପୋକ ଗଛର ପତ୍ର , ଫୁଲ ଓ ଛଇଁରୁ ରସ ଶୋଷଣ କରନ୍ତି । ପତ୍ରର ବିକଶିତ ଅଙ୍ଗ ଓ ଫଳରେ ଏହି ପୋକ ମେଞ୍ଚା ମେଞ୍ଚା ହୋଇ ଲାଗିଥାନ୍ତି । ଗଛ ପ୍ରତି ୫୦ରୁ ଅଧିକ ପୋକ ଦେଖାଦେଲେ ଏକର ପ୍ରତି ୪୦ମିଲି. ଡ଼ାଇମିଥୋଏଟ୍ କିମ୍ବା ୫୦ମିଲି ଇମିଡ଼ାକ୍ଲୋପ୍ରିଡ କିମ୍ବା ୫୦ମିଲି ଥାୟୋମିଥୋକ୍ସାମ୍‌କୁ କିମ୍ବା ୪୦୦ମିଲି ଅକ୍ସଡେମେଟୋନ୍ ମିଥାଇଲ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ଔଷଧଗୁଡ଼ିକ ସହ ନିମଜାତୀୟ ଔଷଧ ୧ଲି.ରେ ୩ମିଲି ମିଶାଇଲେ ଅଧିକ ସୁଫଳ ମିଳେ । ଆବଶ୍ୟକ ସ୍ଥଳେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ବିଳମ୍ବରେ ଫସଲ ଆରମ୍ଭ କଲେ ଜଉ ପୋକସମସ୍ୟାର ସମ୍ଭାବନା ଅଧିକଥାଏ ।

## କରତିଆ ମାଛି

ଏହା ସୋରିଷର ପତ୍ର ଓ କଅଁଳିଆ ଅଂଶ ଖାଇ ନଷ୍ଟ କରି ଦିଅନ୍ତି । ଏହାର ଦମନ ପାଇଁ ଏକର ପ୍ରତି ୬୫ ମିଲି. ସ୍ପିନୋସାଡ୍ ବା କୁଇନାଲ୍‌ଫସ୍ ୪୮୦ ମିଲିକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ସବୁଜ ପତ୍ରଖିଆ ପୋକ

ଶୂକଗୁଡ଼ିକ ପତ୍ର ଅଗରେ ଥିବା ଫୁଲକୁ ବାନ୍ଧି ଦେଇ ତା ମଧ୍ୟରେ ରହି ପତ୍ର, କଢ଼ ଓ ଫଳ ଖାଇଯାଆନ୍ତି । ଅଧିକ ହେଲେ ଗଛ ସମ୍ପୂର୍ଣ୍ଣ ଭାବେ ପତ୍ରହୀନ ହୋଇଯାଏ । ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ପ୍ରୋଫେନୋଫସ୍‌କୁ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ ।

## ପତ୍ରସଢ଼ା ରୋଗ

ପ୍ରଥମେ ପତ୍ର ତଳପାଖେ ପାଣିପଚା ହଳଦିଆ ଚିହ୍ନ ଦେଖାଯାଏ, ଏହାର ଚାରିପଟ ଧାର ବାଦାମୀ ଓ ମଝି ଅଂଶ ଧୂଷର ଦେଖାଯାଏ । ରୋଗ ବଢ଼ିଗଲେ ପୋଡ଼ାଳିଆ ଏବଂ ବେରଙ୍ଗୀ ହୋଇ ଶୁଖିଯାଏ । ଏହି ଚିହ୍ନ ଫଳ ଉପରେ ଦେଖାଦେଲେ ଫଳ ପାଚିବା ପୂର୍ବରୁ ଶୁଖିଯାଏ । ଏହାର ଦମନ ପାଇଁ ଏକର ପ୍ରତି ୧କି.ଗ୍ରା. କପର ଅକ୍ସିକ୍ଲୋରାଇଡ଼ ବା ୪୦୦ଗ୍ରାମ ମାନ୍‌କୋଜେବ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।





## ତଳୋନ୍ମୁଖୀ ପାଉଁଶିଆ ରୋଗ

ପତ୍ରର ତଳ ପାଖରେ ବାଦାମୀ ରଙ୍ଗର ଚିହ୍ନ ଦେଖାଯାଏ । ଏହି ଚିହ୍ନଗୁଡ଼ିକ ବଢ଼ିଯାଇ ପାଉଁଶିଆ ଦେଖାଯାଏ । ପରେ ପତ୍ର ଶୁଖି ସହଜରେ ଗଛରୁ ଝଡ଼ିପଡ଼େ । ଏହାର ଦମନ ପାଇଁ ଏକର ପ୍ରତି ୧କି.ଗ୍ରା. କପର ଅକ୍ସିକ୍ଲୋରାଇଡ଼କୁ ୨୦୦ଲିଟର ପାଣି ସହିତ ମିଶାଇ ୧୦ଦିନ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ କିମ୍ବା ଟେବୁକୋନାଜୋଲ୍ ଏକର ପ୍ରତି ୪୦୦ ଗ୍ରାମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।







## ଅମଳ:

ଗଛ ହଳଦିଆ ପଡ଼ିଗଲେ ସକାଳ ବେଳା ଦାଆରେ କାଟି ଦିଅନ୍ତୁ । ଏହାପରେ ୨-୩ ଦିନ ଖରାରେ ଶୁଖାଇ ବାଡ଼ିରେ ପିଟି କିମ୍ବା ବଳଦ ବା ଟ୍ରାକ୍ଟର ଦ୍ୱାରା ବେଙ୍ଗଳା ପକାଇ ମଞ୍ଜି ଅମଳ କରନ୍ତୁ । ଏହାକୁ ଶୁଖାଇ ସାଇତି ରଖନ୍ତୁ । ଏକର ପ୍ରତି ଅଣଜଳସେଚିତ ଫସଲରୁ ୨.୫ରୁ ୩.୫ କ୍ୱିଣ୍ଟାଲ ଓ ଜଳସେଚିତ ଫସଲରୁ ୬ ରୁ ୭ କ୍ୱିଣ୍ଟାଲ ଅମଳ ମିଳିଥାଏ ଓ ଏକର ପ୍ରତି ଖର୍ଚ୍ଚ ଯାଇ ୬୦୦୦ ରୁ ୭୦୦୦ ଟଙ୍କା ଲାଭ ମିଳିଥାଏ ।















Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337